# ପିଲାଙ୍କ ଧରିତ୍ରୀ

ଶନିବାର, ୧୩ ଜୁଲାଇ, ୨୦୧୯



ଗପ ୬



୮ ଆଇନା



୭ ଜଣା -ଅଜଣା



୩ ଶ୍ୱାସ ଜାଗିବା

# ମତାମତ

ଗପ ସ୍ତମ୍ଭରେ ପ୍ରକାଶିତ 'ଉତ୍ତରାଧିକାରୀ' ପଢ଼ିଲି। ବୁଦ୍ଧି, ନିଷ୍ଠା ଓ କୌଶଳ ଥିଲେ ହିଁ ସବୁ କ୍ଷେତ୍ରରେ ସଫଳତା ମିଳିଥାଏ ବୋଲି ଏଥିରୁ ଜାଣିବାକୁ ପାଇଲି।

**– ଆଶ୍ରିତା ସାହୁ,** ଘଷିପୁରା, କେନ୍ଦୁଝର

ପୃଷ୍ଠା ୩ରେ ପ୍ରକାଶ ପାଇଥିବା ହିମାଳୟର ଜନ୍ମଗାଥା ବେଶ୍ ଶିକ୍ଷଣୀୟ ଥିଲା।

**– ଦୀପକ କୁମାର ବେହେରା,** ଗଙ୍ଗନଗର, ଭୁବନେଶ୍ୱର

ଆସ ଜାଣିବା ସ୍ତମ୍ଭରେ ସ୍ଥାନିତ ଫ୍ରାନ୍ସର ଲେସ୍ ଏପେସେସ୍ ସହରରେ ଥିମ୍ ପାର୍କଟି ବାସ୍ତବରେ ଆଶ୍ଚର୍ଯ୍ୟପୂର୍ଣ୍ଣ ସ୍ଥାନ।

**– ପରିଣୀତା ମହାପାତ୍ର,** କାଳିଆପାଣି, ଖୋର୍ଦ୍ଧା

'କହିଲ ଦେଖି'ର ଉତ୍ତର ଦେବାକୁ ଭଲ ଲାଗୁଛି। ପିଲାଙ୍କ ଧରିତ୍ରୀର ଚଗଲା ଭୀମୁ, ବିନ୍ଦୁଯୋଡ ଓ ଆସ ଖୋଜିବା ମୋର ଖୁବ୍ ପସନ୍ଦ।

**– ଚନ୍ଦନ ପଟ୍ଟନାୟକ,** ଝରିଗାଁ, ନବରଙ୍ଗପୁର

# ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

# ଖିଲି ଖିଲି ହସ

*ଭିକାରି: ବାବୁ, ମୋତେ ଟଙ୍କାଟେ ଦିଅ।
ବାବୁ: ଯା,କାଲି ଆସିବୁ..।
ଭିକାରି: ଏମିତି କାଲି କାଲି ଚକ୍କରରେ ଏହି ସାହିରେ ମୋର ଲକ୍ଷ ଲକ୍ଷ ଟଙ୍କା ବାକି ପଡ଼ିଛି।

*ସାନ୍ତା: ମୋ ଅଜା ୧୮୫୭ ଯୁଦ୍ଧରେ ଶତ୍ରୁମାନଙ୍କ ଗୋଡ କାଟି ଦେଇଥିଲେ।
ବାନ୍ତା: ବେକ କାହିଁକି କାଟି ନ ଥିଲେ ?
ସାନ୍ତା: ବେକତ ସମସ୍ତଙ୍କର ଆଗରୁ କଟିଯାଇଥିଲା।

*ରାଜୁ: ବାବୁ, କାଲି ଡଷ୍ଟବିନ୍‌ରେ ଦୁଇଟା ଦୁଇହଜାର ଟଙ୍କିଆ ନୋଟ ପାଇଥିଲି, ଏଇ ନିଅନ୍ତୁ।
ମାଲିକ: ମୁଁ ହିଁ ତାକୁ ଫିଙ୍ଗିଦେଇଥିଲି, କାରଣ ଏହା ଡୁପ୍ଲିକେଟ୍ ଥିଲା ।
ରାଜୁ: ଏଥିପାଇଁ ତ ମୁଁ ଆପଣଙ୍କୁ ଫେରାଇ ଦେଉଛି ।

# ଜଙ୍ଗଲ ଗ୍ରହ

## ଗପ


ଶିବୁନ୍ ଓ ଦେବୁନ୍ ଦୁଇ ଭାଇ। ଦୁହେଁ ଗୋଟିଏ ସ୍କୁଲରେ ପାଠ ପଢ଼ନ୍ତି। ପାଠପଢ଼ାରେ ଦୁହେଁ ବେଶ୍ ଭଲ। ନିଜ ନିଜ ଶ୍ରେଣୀରେ ପ୍ରଥମ ପାଞ୍ଚ ଜଣଙ୍କ ମଧ୍ୟରେ ସ୍ଥାନ ରଖନ୍ତି। ଦୁଷ୍ଟାମିରେ ମଧ୍ୟ ଦୁହେଁ କେହି କାହାଠାରୁ ଊଣା ନୁହନ୍ତି। ଦୁଷ୍ଟାମି କରିବାର ମୁଖ୍ୟ ପାତ୍ର ଓ ସ୍ଥାନ ହେଲା ଜେଜେ ଓ ତାଙ୍କର ବଗିଚା। ଜେଜେ ଘର ସାମ୍ନାରେ ଏକ ସୁନ୍ଦର ଫୁଲବଗିଚା କରିଥାଆନ୍ତି, ଯେଉଁଥିରେ ଏକ ବଡ଼ ଘାସର ଗାଲିଚା ଅଛି। ଘରର ପଛପଟ ବାଡ଼ିରେ ବଡ ବଡ ଗଛ ଯେମିତିକି ଆମ୍ବ, ପଣସ, ପିଜୁଳି, ସପେଟା, ସଜନା ଓ କୃଷ୍ଣଚୂଡ଼ା ଅଛି। ଜେଜେ ତାଙ୍କ ବଗିଚାକୁ ଖୁବ୍ ଭଲ ପାଆନ୍ତି। ଶିବୁନ୍ ଓ ଦେବୁନ୍ ଗଛରୁ ଫୁଲ ପତ୍ର ଛିଡାଇ ବଗିଚାକୁ ଅପରିଷ୍କାର କରିବାରେ ମଜା ପାଆନ୍ତି। ଜେଜେ ଗଛର ଉପକାରିତା ବିଷୟରେ ଯେତେ ବୁଝାଇଲେ ମଧ୍ୟ ସେମାନେ କିଛି ବୁଝନ୍ତି ନାହିଁ। ଖରାଦିନ ହୋଇଥାଏ। ଦୁହେଁ ଜେଜେଙ୍କ ପାଖରେ ଦ୍ୱିପ୍ରହରେ ଗଡୁଥାନ୍ତି। ଏହି ସମୟରେ ଶିବୁନ୍ ଜେଜେଙ୍କୁ ଗପ କହିବା ପାଇଁ ଜିଦ୍ କଲା। ଜେଜେ କହିଲେ ଠିକ୍ ଅଛି, ଆଜି ମୁଁ ତୁମକୁ ଜଙ୍ଗଲ ଗ୍ରହ ବିଷୟରେ କହିବି। ଆମ ପୃଥିବୀ ପରି ଜଙ୍ଗଲ ଗ୍ରହରେ ମଣିଷ ଓ ପଶୁମାନେ ରହନ୍ତି। ଗୋଟିଏ ଜିନିଷ ଅଲଗା ହେଲା ସେଠାରେ ଗଛମାନେ କଥା କହିପାରନ୍ତି। ଆମର ଏଇଠି ଯେମିତି ମଣିଷମାନଙ୍କର ଶାସନ ଚାଲେ, ସେଠି ଗଛମାନଙ୍କର ଶାସନ ଚାଲେ। ମଣିଷମାନେ ଗଛମାନଙ୍କର କଥା ମାନନ୍ତି ଓ ଉଭୟ ମିଳିମିଶି ଚଳନ୍ତି। ସେଇଠି ମଧ୍ୟ କେତେକ ଦୁଷ୍ଟ ପ୍ରକୃତିର ଲୋକ ଥିଲେ। ସେମାନେ ନିରୀହ ଗଛମାନଙ୍କୁ ବହୁତ ହଇରାଣ କରନ୍ତି। ବିନା କାରଣରେ ଡାଳପତ୍ର କାଟି ପକାନ୍ତି। କିନ୍ତୁ ଗଛମାନେ ମଣିଷକୁ ଖୁବ୍ ଭଲ ପାଉଥିବାରୁ ରାଜାଙ୍କ ପାଖରେ ଅଭିଯୋଗ ନ କରି ମଣିଷମାନଙ୍କୁ ଏପରି ନ କରିବା ପାଇଁ ବୁଝାଉଥା'ନ୍ତି। ଗଛମାନେ ଜାଣିଛନ୍ତି ଯେ, ଆମେ ଅମ୍ଳଯାନ ଦେଉଥିବାରୁ ମଣିଷ ବଞ୍ଚିଛି। ଚୈତ୍ର ମାସର ଦ୍ୱିପ୍ରହର ସମୟ ହୋଇଥାଏ। ଦୁଷ୍ଟ ଲୋକଙ୍କ ଗୋଟେ ଦଳ ଆମ୍ବ ବଗିଚା ମଧ୍ୟରେ ପଶିଲେ। ଆମ୍ବ ପାଚିବା ସମୟ। ସବୁ ଗଛରେ ଆମ୍ବ ଭର୍ତ୍ତି। ସବୁ ଗଛରେ ପେନ୍ଥା ପେନ୍ଥା ପାଚିଲା ଆମ୍ବ। ବଗିଚାଟି ବେଶ୍ ସୁନ୍ଦର ଦେଖାଯାଉଥାଏ। ସେହି ଦୁଷ୍ଟ ଲୋକମାନେ ଯାହା ଆମ୍ବ ଖାଇଲେ



ତ ଖାଇଲେ, ତା' ସହ ପଥର ମାରି ବହୁତ ଆମ୍ବ ଝଡାଇଲେ। ପତ୍ରସବୁ ଛିଣ୍ଡାଇ ପକାଇଲେ। ଗଛମାନେ ପ୍ରତିବାଦ କଲେ, କିନ୍ତୁ ସେ ଲୋକମାନେ ଅଧିକ ମଜା ନେବା ପାଇଁ ଡାଳଗୁଡ଼ିକ କାଟିବାରେ ଲାଗିଲେ। ଗଛଗୁଡ଼ିକ ଖୁବ୍ ଜୋରରେ କାନ୍ଦିବାକୁ ଲାଗିଲେ। ବଗିଚାର ମାଳୀ ସେହି ସମୟରେ ବଗିଚାକୁ ଆସିଥିଲା। କୌଶଳ କରି ଗୋଟେ ଦୁଷ୍ଟ ଲୋକକୁ ବାନ୍ଧି ପକାଇଲା ଓ ରାଜାଙ୍କ ପାଖରେ ହାଜର କରାଇଲା। ଗଛମାନଙ୍କର ରାଜା ବରଗଛ। ଗଛରାଜା ମାଳୀଠାରୁ ସବୁ ଶୁଣିଲେ ଓ ସୈନ୍ୟ ପଠାଇ ଅନ୍ୟ ଦୁଷ୍ଟ ଲୋକଙ୍କୁ ଧରିଆଣିଲେ। ରାଜା ସେମାନଙ୍କୁ କଠିନ ଶାସ୍ତି ଦେବାକୁ ଚାହୁଁଥିଲେ। କିନ୍ତୁ ଦୁଷ୍ଟ ଲୋକମାନେ ନିଜ ଭୁଲ ବୁଝିପାରି କ୍ଷମା ମାଗିବାରୁ ଗଛରାଜା ସେମାନଙ୍କୁ କିଛି ଗଛ ସହ ପୃଥିବୀକୁ ପଠାଇଲେ ଏବଂ କହିଲେ, ଏହି ଗଛମାନଙ୍କୁ ନେଇ ତୁମେ ପୃଥିବୀକୁ ଯାଅ। ସେଠାରେ ଏମାନଙ୍କ ଯତ୍ନ ନେଇ ବଡ କରିବ ଏବଂ ସେଠାର ଲୋକମାନେ ଯଦି ଗଛକୁ ହଇରାଣ କରନ୍ତି, ତେବେ ଆମକୁ ଜଣାଇବ। ଆମେ ତୁମମାନଙ୍କୁ ଓ ଗଛମାନଙ୍କୁ ପୁଣି ଆମ ଗ୍ରହକୁ ନେଇଆସିବୁ ଓ ସେମାନଙ୍କୁ ଉଚିତ ଦଣ୍ଡ ଦେବୁ। ଏହା ଶୁଣି ଦେବୁନ୍ କହିଲା, ଜେଜେ ମୁଁ ଆଉ ଭାଇ କେତେ ଗଛ ନଷ୍ଟ କରିଛୁ, ଗଛରାଜା ଆମକୁ ବି କ'ଣ ଦଣ୍ଡ ଦେବେ ? ଆଉ ଆମ ବାଡ଼ିରୁ ସବୁ ଗଛ ନେଇଯିବେ ? ଜେଜେ କହିଲେ, ହଁ ଯଦି ତୁମେ ଆଜିଠାରୁ ଗଛ ନଷ୍ଟ ନ କରି ତା'ର ଯତ୍ନ ନେବ ତା' ହେଲେ ଗଛରାଜ ତୁମକୁ କ୍ଷମା କରିଦେବେ। ସେଇଦିନଠାରୁ ଦୁଇ ଭାଇ ଗଛକୁ ଖୁବ ଭଲ ପାଇଲେ। ଜେଜେଙ୍କ ସହିତ ମିଶି ବଗିଚାରେ କାମ କଲେ। ଏହି ବର୍ଷ ଗାଁରେ ଥିବା ଖାଲି ଜାଗାରେ ମଧ୍ୟ ଗଛ ଲଗାଇଲେ।

**– ସସ୍ମିତା ସାହୁ,** ଥେଣ୍ଟପୁର, ବୀରନରସିଂହପୁର, ପୁରୀ

## ବିନ୍ଦୁ ଯୋଡ଼




ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଚଗଲା ଭୀମୁ





# ବ୍ଲାକ୍ ବକ୍ସ




ଯଦି କୌଣସି ବାୟୁଯାନ, ସାଧାରଣତଃ ଉଡ଼ାଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇଥାଏ, ତେବେ ଅବିଳମ୍ବେ ତା'ର ବ୍ଲାକ୍ ବକ୍ସ ଖୋଜିବାର ପ୍ରଚେଷ୍ଟା କରାଯାଏ। ସେହି ବ୍ଲାକ୍ ବକ୍ସରୁ ହିଁ ଦୁର୍ଘଟଣା କାହିଁକି ଓ କିପରି ହେଲା ଜଣା ପଡ଼ିଥାଏ। ତେବେ ଏହି ବ୍ଲାକ୍ ବକ୍ସ କ'ଣ ?

ପ୍ରକୃତରେ ଏହା ଗୋଟିଏ ନ ହୋଇ ଦୁଇଟି ଛୋଟ ଛୋଟ ବକ୍ସ, ଯେଉଁଥିରେ ଫ୍ଲାଇଟ୍ ଡାଟା ରେକର୍ଡର (FDR) ତଥା କକ୍‌ପିଟ୍ ଭଏସ୍ ରେକର୍ଡର (CVR) ରହିଥାଏ। ସାଧାରଣତଃ ଏହାକୁ ବ୍ଲାକ୍ ବକ୍ସ କୁହାଯାଏ, ପରନ୍ତୁ ବାସ୍ତବରେ ଏହାର ରଙ୍ଗ ନାରଙ୍ଗୀ ହୋଇଥାଏ। ଏହି ବକ୍ସ ଇସ୍ପାତରେ ତିଆରି ହୋଇଥାଏ। ଏହାର ଆବରଣ ଉଷ୍ମତା ପ୍ରତିରୋଧକ ହୋଇଥାଏ। ଫଳତଃ ଦୁର୍ଘଟଣାର ଅଧଘଣ୍ଟା ପର୍ଯ୍ୟନ୍ତ ୧୦,୦୦୦ ସେଣ୍ଟିଗ୍ରେଡ ତାପମାତ୍ରାରେ ମଧ୍ୟ ଏହା ନଷ୍ଟ ହୋଇ ନ ଥାଏ। ଏତଦ୍‌ବ୍ୟତୀତ ଗଭୀର ସମୁଦ୍ର ହେଉ କି ପରିତ୍ୟକ୍ତ ସ୍ଥାନ ବହୁ ଦିନ ପର୍ଯ୍ୟନ୍ତ ଏଥିରୁ ସଙ୍କେତ ବାହାରୁଥାଏ। ଏହା ଉପରେ ଅଗ୍ନିର କୌଣସି ପ୍ରଭାବ ପଡ଼ି ନ ଥାଏ ଏବଂ କୌଣସି ପ୍ରକାର ହଲଚଲ ବା ଧକ୍କାର ପ୍ରଭାବ ପଡ଼ି ନ ଥାଏ। ଏହି ଦୁଇଟି ଉପକରଣରେ ଯେଉଁ 'ଟେପ୍' ର ଉପଯୋଗ କରାଯାଏ, ତାହା ଷ୍ଟେନ୍‌ଲେସ୍ ଷ୍ଟିଲରେ ନିର୍ମିତ ହୋଇଥାଏ। 'ଫ୍ଲାଇଟ୍ ଡାଟା ରେକର୍ଡ଼ର' ଯାନର ପଛପଟେ ଲଗା ହୋଇଥାଏ। ଛୋଟ ଛୋଟ ସମ୍ବେଦୀ ତାର ଦ୍ୱାରା ଏହି ଯାନ ପ୍ରତ୍ୟେକ ଭାଗ ସହ ଯୋଡ଼ି ହୋଇଥାଏ, ଯଦ୍ୱାରା ଯାନର କୌଣସି ଭାଗରେ ଅସୁବିଧା ପରିଦୃଷ୍ଟ ହେଲେ ଏହା ସ୍ୱତଃ 'ଫ୍ଲାଇଟ ଡାଟା ରେକର୍ଡ଼ର'ରେ ରେକର୍ଡ଼ ହୋଇ ଯାଇଥାଏ। ଏଥିରେ ସ୍ୱିଚ୍ ଅନ୍ କିମ୍ବା ଅଫ୍ କରିବାର ରେକର୍ଡ଼ ମଧ୍ୟ ରହିଯାଏ। ଯାନରେ ଯେତେ ପ୍ରକାର ଇଲେକ୍‌ଟ୍ରୋନିକ୍ ଉପକରଣ ରହିଥାଏ ସେ ସବୁ ଫ୍ଲାଇଟ ଡାଟା ରେକର୍ଡ଼ ସହ ସଂଯୁକ୍ତ ହୋଇଥାଏ। 'କକ୍ ଫିଟ୍ ଭଏସ୍ ରେକର୍ଡ଼ର' ଯାହା ସାଧାରଣତଃ ଯାନର ଇଞ୍ଜିନ୍‌ରେ ଲଗାଯାଇଥାଏ, ସେଥିରେ ଅନେକ ଛୋଟ ଛୋଟ ମାଇକ୍ରୋଫୋନ୍ସ ରହିଥାଏ, ଯାହା ଯାନ ଚାଳକର କଥାବାର୍ତ୍ତାକୁ ରେକର୍ଡ଼ କରିଥାଏ। କକ୍‌ପିଟ୍ ଅର୍ଥାତ ଯାନର ଅଗ୍ରଭାଗ, ପଶ୍ଚାତ ଭାଗର ଯେକୌଣସି ଶବ୍ଦକୁ ମଧ୍ୟ ରେକର୍ଡ଼ କରିପାରେ। 'କକ୍‌ପିଟ୍ ଭଏସ୍ ରେକର୍ଡ଼ର' ମାଗ୍ନେଟିକ୍ ଟେପ୍‌ରେ ରେକର୍ଡ଼ ହୋଇଯାଏ। ବ୍ଲାକ୍‌ବକ୍ସ ବିମାନର ଆଖି ଓ ମସ୍ତିଷ୍କ ସଦୃଶ। ତେଣୁ କେଉଁଠି ବିମାନ ଦୁର୍ଘଟଣା ହୁଏ ପ୍ରଥମେ ବ୍ଲାକ୍‌ବକ୍ସକୁ ଖୋଜାଯାଏ, ଯଦ୍ୱାରା ଦୁର୍ଘଟଣାର ପ୍ରକୃତ ରହସ୍ୟ ଜଣାପଡ଼େ। ଛୋଟିଆ ବ୍ଲାକ୍‌ବକ୍ସଟିଏ କିନ୍ତୁ ତା'ର ଗୁରୁତ୍ୱ ବେଶି।

**– ସ୍ମିତା ନାୟକ**
ଭଞ୍ଜନଗର, ଗଞ୍ଜାମ

## ଆସ ଜାଣିବା















# ମ୍ୟୁଜିୟମ୍ ଅଫ୍ ସେଲ୍ଫି

ଆଜିକାଲି ପ୍ରାୟ ସମସ୍ତେ ସେଲ୍ଫି ନେବାରେ ବ୍ୟସ୍ତ। ପାର୍କ ହେଉ, ରେସ୍ତୋରାଁ ହେଉ ବା ଶପିଙ୍ଗ ମଲ୍ ସେଲ୍ଫିଟିଏ ନେବା ପାଇଁ ସମସ୍ତେ ପାଗଳ। ଲୋକଙ୍କର ଏହି କ୍ରେଜ୍‌କୁ ଦେଖି ଲସ୍ ଏଞ୍ଜେଲ୍‌ସଠାରେ ନିର୍ମାଣ କରାଯାଇଛି ମ୍ୟୁଜିୟମ୍ ଅଫ୍ ସେଲ୍ଫି। ଏଠାରେ ସେଲ୍ଫି ନେବା ପାଇଁ ୧୫ଟି ସ୍ୱତନ୍ତ୍ର ଜୋନ୍ ରହିଛି, ଯେପରି ହାଇ-ଅପ୍ ସେଲ୍ଫି, ରୁଫ୍‌ଟପ୍ ସେଲ୍ଫି, ବାଥ୍‌ରୁମ୍ ସେଲ୍ଫି, କାର୍ ସେଲ୍ଫି, ଫୁଡ୍ ସେଲ୍ଫି, ମିରର୍ ସେଲ୍ଫି ଇତ୍ୟାଦି। ଏହି ମ୍ୟୁଜିୟମ ଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ଥିବା ଏକ ସ୍ୱତନ୍ତ୍ର ଚେୟାରରେ ବସି ସେଲ୍ଫି ନେଇଥାନ୍ତି, ଯାହା ପ୍ରସ୍ତୁତ ହୋଇଛି ସମ୍ପୂର୍ଣ୍ଣ ସେଲ୍ଫି ଷ୍ଟିକ୍‌ରେ। ଏହାବ୍ୟତୀତ ପର୍ଯ୍ୟଟକମାନେ ମଲ୍ଟି ଡାଇମେନଶନାଲ ରୁମ୍, ଏଞ୍ଜେଲ୍‌ସ୍ ୱିଙ୍ଗସ୍ ଆଦି ସ୍ଥାନରେ ଫଟୋ ଉଠେଇବାର ମଜା ମଧ୍ୟ ନେଇଥାନ୍ତି। ମାର୍ଚ୍ଚ ୨୦୧୮ରେ ଆରମ୍ଭ ହୋଇଥିବା ଏହି ନିଆରା ମ୍ୟୁଜିୟମ୍ ଲୋକଙ୍କ ମନୋରଞ୍ଜନର ଏକ ସ୍ୱତନ୍ତ୍ର ମାଧ୍ୟମ ପାଲଟିଛି।


# ତୁ ମ ତୂ ଲୀ ରୁ



୧


୨


୩



୪


୫


୬


୭


୮


୯


୧୦

୧

ସୌରଭ ପ୍ରଧାନ
କ୍ଲାସ-୫,ପ୍ରଭୁଶ୍ରୀ ଇଂଲିଶ୍ ମିଡିୟମ୍ ସ୍କୁଲ,ପୁରୀ

୨

ଲିପାଲି ବିଦ୍ୟା ବିଭୂଷିତା ବେହେରା
କ୍ଲାସ-୬,ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପିପିଲି,ପୁରୀ

୩

ଶ୍ରେୟାଲ ପଣ୍ଡା
କ୍ଲାସ-୫,ସେଣ୍ଟ ଜୋସେଫ୍ ହାଇସ୍କୁଲ, ଭୁବନେଶ୍ୱର

୪

ପି.ସି ବାଦଲ କୁମାର
କ୍ଲାସ-୬, ଭେଙ୍କଟେଶ୍ୱର ସ୍କୁଲ,ଜାରକା, ଯାଜପୁର

୫

ଆକାଂକ୍ଷୀକା ରାୟ
କ୍ଲାସ-୧୦, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଧର୍ମଶାଳା, ଯାଜପୁର

୬

ପ୍ରତୀକ୍ଷା ସାମନ୍ତରାୟ
କ୍ଲାସ-୬,ଡି.ଏ.ଭି ପବ୍ଲିକ୍ ସ୍କୁଲ, ପୁରୀ

୭

ଯୋଦ୍ଧାଜିତ୍ ଧରୁଆ
କ୍ଲାସ-୮,ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର

୮

ବି .ସୌମ୍ୟସିଦ୍ଧାର୍ଥ
କ୍ଲାସ-୨,ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୋତାପୋଖରୀ, କଟକ

୯

ରୁଦ୍ରନାରାୟଣ ପଣ୍ଡା
କ୍ଲାସ-୫,ସେଣ୍ଟ ଜୋସେଫ୍ ହାଇସ୍କୁଲ, ଭୁବନେଶ୍ୱର

୧୦

ଅନୁଷ୍କା ବେଉରା
କ୍ଲାସ-୫,ସେଣ୍ଟ ଜୋସେଫ୍ ହାୟର ସେକେଣ୍ଡାରୀ ସ୍କୁଲ,ଭୁବନେଶ୍ୱର

## ଏ ଥ ର ର ପ୍ର ଶ୍ନ

- ବର୍ତ୍ତମାନ ଭାରତର ଅର୍ଥମନ୍ତ୍ରୀ କିଏ ଅଛନ୍ତି?
- ବର୍ତ୍ତମାନ ଲୋକସଭାର ବାଚସ୍ପତି ଭାବେ କିଏ ଅଧିଷ୍ଠିତ ଅଛନ୍ତି?
- ବର୍ତ୍ତମାନ ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ନାମ?
- ଓଡ଼ିଶା ବିଧାନସଭାର ବାଚସ୍ପତି ଭାବେ କିଏ ଆସୀନ ହୋଇଛନ୍ତି?
- ଓଡ଼ିଶାରୁ କେଉଁ ସାଂସଦ ୨୦୧୯ କ୍ୟାବିନେଟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି?

## ଆଗଥରର ଉ ତ୍ତ ର

*ଲଣ୍ଡନ ଏବଂ ୱେଲ୍ସ

* ୧୦ଟି

* ବିରାଟ କୋହଲି

* ରବି ଶାସ୍ତ୍ରୀ

## ଆସ ଖୋଜିବା




## କବିତା


### ଚାଲିବ ଟେକି ମଥା

ଭୋଅରୁ ଉଠ ନ କର ମଠ
ଶିଖିବ ଭଲ ଶାଠ,
ନିତିଦିନିଆ କାମକୁ ସାରି
ବସି ପଢ଼ିବ ପାଠ।
ଭଲ କଥାକୁ ମାନିବ ଯଦି
ହୋଇବ ଭଲ ଚାଟ,
ଆଦରଶରେ ଜୀବନ ଗଢ଼
ବରିବ ଭଲ ବାଟ।
ଅବାଟେ ଗଲେ କହିବେ ଲୋକେ
ଯେତେ ମାଠିବୁ ମାଠ,
ଯେଉଁ ପିଲାଟି ଶିଖିଲା ନାହିଁ
ସେ ଦରପୋଡ଼ା କାଠ।
ପିତା, ମାତାଙ୍କ ଭଲ କଥାକୁ
ଯଦିବା ଟାଳିଦେବ
ସବୁ କାମରେ ବିଫଳ ହେବ
ବିଷାଦ ଭରିଯିବ।
ବଡ଼ଲୋକଙ୍କ ଜୀବନୀ ପଢ଼ି
ନିଜକୁ ଯଦି ଗଢ଼,
ଯେତେ କଷଣ ଏଡ଼ାଇଦେଇ
ହୋଇବ ଦିନେ ବଡ଼।
ଗୁରୁଜନରେ ଭକତି କରି
ମାନିଲେ ଉପଦେଶ,
ପ୍ରଗତି ପଥ ଯିବରେ ଖୋଲି
ଲଭିବ ନିଶ୍ଚେ ଯଶ।



**–ଅଧ୍ୟାପକ ବିଷ୍ଣୁମୋହନ,** *ଏ/୫୮, କ୍ରିଷ୍ଣା ଗାର୍ଡେନ–୨, ଖଣ୍ଡଗିରି, ଭୁବନେଶ୍ୱର*

### ବର୍ଷା ଆଗମନେ



ଝିପିଝିପି ଟୋପା ଝରେ
ଆକାଶ ମୁକୁତା,
ଚନ୍ଦନ ଶିଥିଳ ସମ
ନିଦାଘ ଅନ୍ତର ବାରତା।
ଆସଇ ଜୀମୂତ ନେଇ
ଚପଳା ଖେଳାଇ,
ସମୀର ସଙ୍ଗେ ସଙ୍ଗ
ଶବଦ ତୋଳଇ।
କେକୀ ନୃତ୍ୟ ସଙ୍ଗେ କି
ମନୋରମ ଛବି,
ପଥ ପରେ ନାଚି ଯାଏ
ଫୋଟକା ସବାରି।
ଓଳି ତଳ ନଦୀ ବାହେ
କାଗଜର ତରୀ,
ସବୁଜିମା କ୍ଷେତେ ନାଚେ
ଆନନ୍ଦ ଲହରୀ।
ତଡାଗେ ଖେଳଇ ଜୀବନ
ସଂଚାରେ ପରାଣ,
ଶୁଷ୍କ କଷ୍ଟ ମନୁ ପୋଛି
ହୋଇ ଆତ୍ମ ସନ୍ତୋଷେଣ।

**–ଶାଶ୍ୱତୀ ଶ୍ୱେତପଦ୍ମା ବେହେରା** *ଘୁ.ଉଦୟଗିରି, କନ୍ଧମାଳ*

### କ୍ଷେତ ହିଁ ଚାଷୀର ବଳ



ଗରଜନ କରି ବରଷା ଆସଇ
ଦୁଲୁଦୁଲୁ ବର୍ଷିଯାଏ,
ମାଳମାଳ ବର୍ଷା ବଉଦରେ ଖେଳେ
ବାଦଲ ପାଖେଇଯାଏ।
ଘଡ଼ଘଡ଼ି ସାଥେ ବିଜୁଳି ଚମକେ
ଚାଷୀର ଥରଇ ଛାତି,
ଭୟ ପାଇ ଚାଷୀ ଆଖି ବୁଜିଦିଏ
ଦିନ ହୋଇଯାଏ ରାତି।
ବରଷା ସାଥିରେ ପବନ ବହଇ
ଥରି ଯାଉଥାଏ ଚାଷୀ,
ହିଡ଼ବାଡ଼ ଡେଇଁ ପାଣି ଗଡ଼ିଯାଏ
ଧାନତଳି ଯାଏ ଭାସି।
ପାଣି କାଦୁଅକୁ ଖାତିର ନ ଥାଏ
ଫଳାଇବ ସୁନା ଫଳ,
ବରଷକ ପାଇଁ ସାଇତି ରଖିବ
କ୍ଷେତ ହିଁ ଚାଷୀର ବଳ।

**– ନିରଞ୍ଜନ ଖଟୁଆ,** *କମରପଦା, ବାଲିସାହି, ଯଶପଡା, କଟକ*

## କହିଲ ଦେଖି

ଖଣ୍ଡେ ବାଉଁଶ ଅବା କାଠ
ଦୁଇମୁଣ୍ଡେ ଦଉଡି ଆଣ୍ଟ,
ସମାନ ସମାନ ଦରବ ଅବା
ମଣିଷ ଜୀବ ସର୍ବ,
ସ୍ଥାପନ କରି ଦୁର୍ଗମଅଞ୍ଚଳେ
ଯିବା ଆସିବା କରି ଚଞ୍ଚଳେ
ମଣିଷ ହୁଏ କର୍ମକ୍ଷମ
କହିଲ ଦେଖି ଏହାର ନାମ।

**–ଉତ୍ତର: ବାହୁଙ୍ଗି**



ସହରଠାରୁ ବହୁ ଦୂରେ
ଗାଁରେ ମୋର ବାସ
ତିନିଖଣ୍ଡକାଠରେ ମୋର
ପୃଥୁଳ ବେଶବାସ।
ଖଣ୍ଡେ ଲୁହାର ବଳା ଲଗାଇ
ଶାଳରେ ରଚେ ରାସ
ଘର କୁମ୍ଭୀର କହି
କବିଏ କରନ୍ତି ଉପହାସ
ଚାଉଳ ଚୁଡା ହଳଦୀଗୁଣ୍ଡା
କରି ଦେଖାଏ ବାହାଦୁରୀ
ଯନ୍ତ୍ରର ଜ୍ୱାଳା ଯମ ଯନ୍ତ୍ରଣା
ଦେଲାମୋ ଶିରୀ ସାରି।

**–ଉତ୍ତର: ଢ଼ିଙ୍କି**



ଚାଷୀଭାଇର ବେଶି ଆଦର
ପାଣିବୁହା ସଜକୁ ଦରକାର
ତାଳ ଖଜୁରି ନଡିଆ ଗଣ୍ଡିରେ
ଖୋଳିକରି ରଖେ ଘରେ
ଯତ୍ନରେ
ନ ଥାଉ ବିଜୁଳି ଅବା ଡିଜେଲ୍
ବାଉଁଶ ହତା କପାକନା ମୋ
ବଳ,
ବିଲ ବଗିଚାକୁ ମରୁଡି କାଳେ
ସାମାନ୍ୟ ଶ୍ରମରେ ସଳୀଳ
ଢ଼ାଳେ।

**–ଉତ୍ତର: ଟେଣ୍ଡା**



ଖଣ୍ଡେ ଟିଣ କିମ୍ବା ବାଉଁଶ କାଟି
ଚାରିପଟେ ବାନ୍ଧି ଆଣ୍ଟ ମୁହାଁଟି
ଦୁଇପଟେ ଦୁଇ ସମର୍ଥ ଲୋକ
ପାଣି ବୁହାନ୍ତି କରି ସଳଖ
ବେକ


**–ଉତ୍ତର: ସେଣା**

**–ରମାକାନ୍ତ ପୁରୋହିତ** *ନିରାକାରପୁର, ଖୋର୍ଦ୍ଧା*

# ଜଣା ଅଜଣା



✲ ଉତ୍ତର ଆମେରିକାରେ ଦେଖାଦେଉଥିବା 'ପ୍ରେୟରୀ ଡଗ୍' ପ୍ରଜାତିର ଗୁଣ୍ଡୁଚି ମୂଷା ପରସ୍ପରକୁ ଦେଖାହେଲେ ମୁହଁକୁ ମୁହଁ ଲଗାଇ ଅଭିନନ୍ଦନ ଜଣାଇଥାନ୍ତି ।




✲ ଗବେଷଣାରୁ ଜଣାଯାଇଛି ଯେ ମଶା ଅନ୍ୟାନ୍ୟ ରଙ୍ଗ ଅପେକ୍ଷା ଗାଢ ରଙ୍ଗ ଯଥା କଳା, ଗାଢ ନୀଳ, ମାଟିଆ ଆଦି ପ୍ରତି ବିଶେଷ ଆକର୍ଷିତ ହୋଇଥାନ୍ତି ।



✲ ଗୋଟିଏ ଝିଣ୍ଟିକା ନିଜ ଲମ୍ବର ପ୍ରାୟ ୨୦ଗୁଣ ଉଚ୍ଚ ଯାଏଁ ଡେଇଁପାରେ ।



✲ କଙ୍ଗାରୁ ନିଜ ଲାଙ୍ଗୁଳରେ ଭରା ଦେଇ ଲମ୍ଫ ପ୍ରଦାନ କରିଥାଏ । ଏହାକୁ ସେ ଶରୀରର ସନ୍ତୁଳନ ରକ୍ଷା କରିବା ପାଇଁ ମଧ୍ୟ ବ୍ୟବହାର କରିଥାଏ ।



✲ ବିଷଧର ଏଣ୍ଟୁଅଙ୍କ ମଧ୍ୟରୁ ଅନ୍ୟତମ ଗେଚକୋ ନାମକ ଏଣ୍ଟୁଅର ଆଖିପତା ନ ଥାଏ । ଏମାନେ ଜିଭ ଦ୍ୱାରା ଆଖିକୁ ଚାଟି ସଫା କରିଥାନ୍ତି ।



✲ ପୃଥିବୀର ସବୁଠାରୁ ବିଶାଳ ଜୀବ ବ୍ଲୁ ହ୍ୱେଲ ସମୁଦ୍ର ମଧ୍ୟରେ କେବଳ ୫ ଶହ ମିଟର ଗଭୀରତା ପର୍ଯ୍ୟନ୍ତ ହିଁ ପହଁରିପାରେ ।

# ଆଇନା

ପଲ୍ଲବୀ
୫ ବର୍ଷ



ପ୍ରେମ୍‌ସାଇ
୫ ବର୍ଷ





ଶ୍ରୀମିକା
୫ ବର୍ଷ